ପ୍ରେସ୍ ନୋଟ୍

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶୁଭାରମ୍ଭ ହେଲା ନିମୋକୋକାଲ କଞ୍ଜୁଗେଟ୍ ଟୀକା (PCV) ।

ଅନୁଗୋଳ, ତା.୩୦.୦୬:- ଭାରତ ସରକାରଂକ ନିୟମିତ ଟୀକାକରଣ କାର୍ଯ୍ୟକ୍ରମରେ ନିମୋକୋକାଲ କଞ୍ଜୁଗେଟ୍ ଟୀକା (PCV) କୁ ସାମିଲ କରାଯାଇଛି । ଏହା ପିଲାଂକୁ ନିମୋକୋକସ୍ ଜୀବାଣୁଜନିତ ନିମୋନିଆ ଓ ମସ୍ତିସ୍କ ସଂକ୍ରମଣରୁ ସୁରକ୍ଷା ପ୍ରଦାନ କରିବାରେ ସାହାଯ୍ୟ କରିବ । ଏହି ଟୀକା ୫ ବର୍ଷରୁ କମ୍ ପିଲାଂକର ନିମୋକୋକସ୍ ଜୀବାଣୁ ଜନିତ ନିମୋନିଆରୁ ସୁରକ୍ଷା ପ୍ରଦାନ କରିବାରେ ଏକ ସଫଳ ମାଧ୍ୟମ ଅଟେ । ଏହି ଟୀକାକୁ ୩ ଭାଗରେ ବିଭକ୍ତ କରାଯାଇ ପ୍ରଥମ ଟୀକା ୧ ୧/୨ ମାସ ,୨ୟ ଟୀକା ୩ ୧/୨ ମାସରେ ଏବଂ ବୁଷ୍ଟର ଟୀକା ୯ ମାସରେ ଦିଆଯିବ । ଏହି ଟୀକାକୁ ଜିଲ୍ଲା ମୁଖ ଚିକିତ୍ସାଳୟରେ ଆଜି ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନ ଶୁ ଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଦିଲିପ ପଟ୍ଟନାୟକ, ଡା.ମାନସ ରଂଜନ ବିଶ୍ୱାଳ ଓ ଡା.ବିଶ୍ୱ ମହାନ୍ତି ଯୋଗ ଦେଇଥିଲେ । ଡି ପି ଏମ୍ ଶ୍ରୀ ବିଶ୍ୱ ରଂଜନ ରଥ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ସହକାରୀ ଜିଲ୍ଲା ଜନସ୍ୱାସ୍ଥ୍ୟ ସଂଚାର ଅଧିକାରୀ ଶ୍ରୀ ଭରତ କୁମାର ସାହୁ ସହ ଯୋଗ କରିଥିଲେ ।

# ନିମୋକୋକାଲ କଞ୍ଜୁଗେଟ ଟୀକା(ପିସିଭି) ର ଶୁଭାରମ୍ଭ

## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ,ଅନୁଗୋଳ











## GKS Level Wall Painting





